### ରାଜ୍ୟରେ ଉଜ୍ଜଳା ଗ୍ୟାସ ସଂଯୋଗ ପ୍ରସଙ୍ଗରେ

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଛାଇ ଦେଖିଲେ ଶାସକ ବିଜେଡି ନେତାଙ୍କ ନାହିଁ ଡେଉଁଛି : ବିଜେପି

- **ଶାସକ ବିଜେଡି ତଥ୍ୟ ନଦେଖି ଉଜ୍ଜଳା ସଂଯୋଗ ସଂପର୍କରେ ଭିତିହୀନ ମନ୍ତବ୍ୟ ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ**

**ଭୁବନେଶ୍ୱର, ତା.୦୪/୦୮ :** ଦେଶରେ ମା ଭଉଣୀଙ୍କ ଆଖିରେ ଲୁହ ପୋଛି ସମସ୍ତ ଗରିବଙ୍କ ଘରେ ଉଜ୍ଜଳା ଯୋଜନା ମାଧ୍ୟମରେ ଗ୍ୟାସ ସଂଯୋଗ କରିବା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ରମୋଦୀଙ୍କ ଏକମାତ୍ର ସଂକଳ୍ପ । ସାରା ଦେଶରେ ଏହି ଯୋଜନା ମାଧ୍ୟମରେ ୫ କୋଟିରୁ ଉର୍ଦ୍ଧ୍ୱ ମହିଳା ଉପକୃତ ହୋଇଛନ୍ତି । ଏହି ଯୋଜନା ସାରା ବିଶ୍ୱରେ ଆଦୃତ ହୋଇଥିବା ବେଳେ ଶାସକ ବିଜେଡି ରାଜ୍ୟରେ ତଥ୍ୟ ନଦେଖି କେବଳ ହୀନ ରାଜନୀତି କରି ଭିତିହୀନ ମନ୍ତବ୍ୟ ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଏକ ସାମ୍ବାଦିକ ସମ୍ମଳନୀରେ ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ପିତାମ୍ବର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି ।

ଗ୍ୟାସ ସିଲିଣ୍ଡର ନେବାର ଦୁଇ ତିନି ଦିନ ମଧ୍ୟରେ ହିତାଧିକାରୀର ବ୍ୟାଙ୍କ ଖାତାକୁ ସବସିଡି ଅର୍ଥ ଆସିଥାଏ । ସ୍ୱାଧୀନତା ପରଠାରୁ ୨୦୧୪ ମସିହା ଦୀର୍ଘ ୬୭ ବର୍ଷ ପର୍ଯ୍ୟନ୍ତ ରାଜ୍ୟରେ ଏଲପିଜି ଉପଭୋକ୍ତା ସଂଖ୍ୟା ମାତ୍ର ୨୦ ଲକ୍ଷ ଥିଲା ବେଳେ ଏବେ ଗତ ୪୮ ମାସରେ ତାହା ୬୯ ଲକ୍ଷ ୨୪ ହଜାରରେ ପହଂଚିଛି । ଜୁନ୍ ୨୦୧୬ ମସିହାରେ ପ୍ରଧାନମନ୍ତ୍ରୀ ରାଜ୍ୟରେ ଉଜ୍ଜଳା ଯୋଜନା କାର୍ଯ୍ୟକାରୀ କରାଇଥିଲେ । ଏହାପରେ ରାଜ୍ୟରେ ୨୫ ମାସରେ ୩୦ ଲକ୍ଷ ଉପଭୋକ୍ତାଙ୍କୁ ମାଗଣାରେ ଗ୍ୟାସ ସଂଯୋଗ ଯୋଗାଇ ଦିଆଯାଇଛି । ଯଦି ଶାସକ ବିଜେଡି ପାଖରେ ତଥ୍ୟ ନାହିଁ ତେବେ ଏଲପିଜି ୱେବସାଇଟକୁ ଯାଇ ସମସ୍ତ ହିତାଧିକାରୀଙ୍କ ନାଁ ଦେଖନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

୪ ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦରେ ପ୍ରବେଶ କଲା ପରେ ତାଙ୍କର ଏକମାତ୍ର ସଂକଳ୍ପ ଥିଲା କି, ଭାରତବର୍ଷରେ କୌଣସି ମା ଭଉଣୀଙ୍କ ଆଖିରେ ଆଉ ଲୁହ ବୋହିବାକୁ ଦେବେ ନାହିଁ । କାଠ ଚୁଲି ଫୁଙ୍କି ଯେଉଁ ଗରିବ ମା ଓ ଭଉଣୀମାନେ ପ୍ରଧାନମନ୍ତ୍ରୀଙ୍କୁ ଯେଉଁ ଦାୟିତ୍ୱ ଦେଇଛନ୍ତି, ସେହି ଭାରତବର୍ଷର କୋଟି କୋଟି ମା ମାନଙ୍କ ଲୁହ ପୋଛିବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ବଦ୍ଧ । ଉଜ୍ଜଳା ଯୋଜନାର ସଫଳ ରୂପାୟନର ଦାୟିତ୍ୱ ଓଡିଆ ପୁଅ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନେଇ ସମଗ୍ର ବିଶ୍ୱରେ ବିଭିନ୍ନ ସଂସ୍ଥା ଦ୍ୱାରା ଆଦୃତ କରାଇଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

ସୁନା ଚାମଚରେ ଖାଇ କି ବଢିଥିବା ଲୋକ ଏବଂ ରାଜ ଉଆସରେ ଜନ୍ମ ହୋଇଥିବା ବ୍ୟକ୍ତି କେବେବି ଗରୀବ ମା'ର ଦୁଃଖ ବୁଝିପାରେ ନାହିଁ । କେନ୍ଦ୍ରୀୟ ଯୋଜନା ଗୁଡିକୁ କିପରି ହଡପ କରାଯିବ ତାହା ବିଜେଡି ସରକାରର ଏକମାତ୍ର ଉଦ୍ଦେଶ୍ୟ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଛାଇ ଦେଖିଲେ ଶାସକ ବିଜେଡି ନେତାଙ୍କ ନାହିଁ ଡେଉଁଛି ବୋଲି ଶ୍ରୀ ଆଚାର୍ଯ୍ୟ ତାସଲ୍ୟ କରି କହିଛନ୍ତି ।

ବିଜେଡି ସାଂସଦ ପ୍ରତାପ ଦେବ ବିଷୟ ବସ୍ତୁକୁ ଅନୁଧ୍ୟାନ ନକରି ଆଜି ଉଜ୍ଜଳା ଯୋଜନା ସଂପର୍କରେ ଭିତିହୀନ ମନ୍ତବ୍ୟ ଦେବା ଅତ୍ୟନ୍ତ ହାସ୍ୟାସ୍ପଦ ଘଟଣା । ଉଜ୍ଜଳା ଯୋଜନାରେ ଭାରତର ୫ କୋଟି ହିତାଧିକାରୀ ମହିଳା ସାମିଲ ହୋଇଛନ୍ତି । ଯେଉଁ ଯୋଜନାକୁ ସାରା ବିଶ୍ୱରେ 'ବ୍ଲୁ ଫ୍ଲେମ୍' ଅର୍ଥାତ୍ 'ନୀଳଶିଖା' ବିପ୍ଳବ ଭାବେ ପ୍ରଶଂସା କରାଯାଉଛି ସେହି ସମୟରେ ଅସହିଷ୍ଣୁ ବିଜେଡି ମିଥ୍ୟା ଏବଂ ବିଭ୍ରାନ୍ତିକର ତଥ୍ୟ ଦେବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

ରାଜ୍ୟରେ ବସବାସ କରୁଥିବା ସମସ୍ତ ଗରିବ ମା' ଓ ଭଉଣୀଙ୍କ ଆଖିରୁ ଲୁହ ଝରୁ ବୋଲି ପ୍ରତାପ ଦେବ ଚାହୁଁଛନ୍ତି କି ? ସେମାନେ କାଠ ଚୂଲି ଫୁଙ୍କି ଶ୍ୱାସ ରୋଗରେ ପଡନ୍ତୁ ବୋଲି ସେ କାମନା କରୁଛନ୍ତି କି ? ତାହା ହିଁ ଆଜି ତାଙ୍କ ପ୍ରେସ ବିବୃତିରେ ସ୍ପଷ୍ଟ ହୋଇଛି । ରାଜ୍ୟର ମା ଭଉଣୀମାନଙ୍କୁ ଅର୍ଥନୀତିକ ସ୍ୱାବଲମ୍ବୀ କରିପାରିନି ବୋଲି ନିଜ ମୁହଁରେ ଶାସକ ବିଜେଡି ସ୍ୱୀକାର କରୁଛି । ୧୯ବର୍ଷ ଓଡିଶାକୁ ଲୁଟିଲା ପରେ ବି ରାଜ୍ୟର ମା ଭଉଣୀମାନେ ସେମିତି ଅବହେଳିତ ହୋଇ ରୁହନ୍ତୁ ବୋଲି ଶାସକ ବିଜେଡି ଚାହୁଁଛି । ବିଜେଡି ସମ୍ବେଦନଶୀଳ ହୁଅନ୍ତୁ ଏବଂ ମା ର ଦୁଃଖ ବୁଝନ୍ତୁ । ମାତୃଶକ୍ତିର ବିକାଶ ପାଇଁ ଯଦି କିଛି ଯୋଜନା ଅଛି ତାକୁ ଦେଖାଇ ରାଜ୍ୟର ମା' ଓ ଭଉଣୀମାନଙ୍କୁ ସ୍ୱାବଲମ୍ବୀ କରାଅ ବୋଲି ଶ୍ରୀ ଆଚାର୍ଯ୍ୟ ପରାମର୍ଶ ଦେଇଛନ୍ତି ନଚେତ୍ ଆଗାମୀ ଦିନରେ ଓଡିଶାବାସୀ ଏହାର ଜବାବ ଦେବେ ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ଶ୍ରୀ ସମୀର ମହାନ୍ତି, ରାଜ୍ୟ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଏବଂ ମୁଖପାତ୍ର ଶ୍ରୀ ଗୋଲକ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**

*(ପୃଷ୍ଠା:୨/୨)*